# Hindol College Khajuriakata

**Workshop on Ground Water Development & Management 11/07/2018**

**Topic :- Ground Water Development & Management**

Resource Persons :- Dr. Utpal Gogai,

Regional Director Central Ground Water Board

South Eastern Region, Bhubaneswar

A.K. Dash. Reader in Chemistry

Dr. B.B. Sahu Scientist

Prahallad Sahu Scientist

D.N. Mandal Scientist

No of Participants :- 125

Objective :- To aware the students about Ground Water Development & Management

## ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ସାତମାଇଲ, ୧୯।୭(ଡି.ଏନ୍.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ଅଡିଟୋରିୟମ ପରିସରରେ ଭୂତଳ ଜଳ ସଂରକ୍ଷଣ ସମ୍ପର୍କିତ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଭୂମିଜଳ ବୋର୍ଡ ଏବଂ ଦକ୍ଷିଣ ପୂର୍ବ କ୍ଷେତ୍ର ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଅସିତ୍ କୁମାର ଜେନାମଣି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ଅକ୍ଷୟ କୁମାର ଦାସ ଯୋଗଦେଇ ଭୂତଳ ଜଳ ହ୍ରାସର କାରଣ, ନିରାକରଣ, ଜଳ ସଂରକ୍ଷଣର ଆବଶ୍ୟକତା, ସହଭାଗିତା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏବେଠାରୁ ସଚେତନ ନ ହେଲେ କିଛି ବର୍ଷ ମଧ୍ୟରେ ଦେଶବାସୀଙ୍କୁ ମୁନ୍ଦାଏ ଶୁଦ୍ଧ ପାଣି ମିଳିବା କଷ୍ଟକର ହୋଇପଡ଼ିବ ବୋଲି ସେ ସତର୍କ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜନତା କଲେଜ ପୂର୍ବତନ ଅଧକ୍ଷ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଉମାକାନ୍ତ ପ୍ରଧାନ, ବିଭାଗୀୟ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଉତ୍ପଳ ଗୋଗଇ, ବିଶେଷଜ୍ଞ ପି.କେ. ମହାପାତ୍ର, ଏସ୍.ସି. ବେଲରା ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରାରମ୍ଭରେ ଭୂତଳ ଜଳ ସଂରକ୍ଷଣ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ. ମିଶ୍ର, ପି. ଦାସ, ସୁଜ୍ଞାନ ବେହେରା, ବିକ୍ରମ ସାହୁ, ପ୍ରହ୍ଲାଦ ଦାସ, ବି.ବି. ସାହୁ, ଡି.ଏନ୍. ମଣ୍ଡଳ ପ୍ରମୁଖ ସାଧନକର୍ମୀ ଭାବେ ଉପସ୍ଥିତ ଥିଲେ। ପାଠଚକ୍ରରେ ୧୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁଧାଂଶୁ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ କଲେଜର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।


ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ– (୦୬୭୬୨)–୨୨୪୨୫୪, ଢେଙ୍କାନାଳ–୯୪୩୭୦୯୪୦
୯୯୩୭୦୭୯୭୭୦, ରାସୋଳ–୯୪୩୭୭୦୬୧୬୭, ସାତମାଇଲ–୯୯୩୭୭୫୧୪
୭୮୯୪୪୬୨୯୧୨, ବଅଁରପାଳ– ୭୮୯୪୪୬୨୯୧୬, ବନ୍ତଳା–୯୯୩୭୯୦୮

# ଭୂତଳ ଜଳ ସଂରକ୍ଷଣ ସଂକ୍ରାନ୍ତ ପାଠଚକ୍ର




ରାସୋଳ, ୧୬।୭ (ନି.ପ୍ର.)- ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ କେନ୍ଦ୍ରୀୟ ଭୂମିଜଳ ବୋର୍ଡ, ଦକ୍ଷିଣ ପୂର୍ବ କ୍ଷେତ୍ର ଭୁବନେଶ୍ୱର ଆନୁକୂଲ୍ୟରେ ଭୂତଳ ଜଳ ସଂରକ୍ଷଣ ସମ୍ପର୍କିତ ପାଠଚକ୍ର ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅସିତ କୁମାର ଜେନାମଣିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଭୂତଳ ଜଳ ସମସ୍ୟା ଏବଂ ସହଭାଗିତା ମାଧ୍ୟମରେ ଭୂତଳ ଜଳର ପ୍ରବନ୍ଧ ଉପସ୍ଥାପନା କରି ସାଂପ୍ରତିକ ସ୍ଥିତିରେ ଜଳ ସଂପଦର ସଠିକ୍ ସଂରକ୍ଷଣ ଓ ବିନିଯୋଗ କଲେ ଭବିଷ୍ୟତରେ ଜଳାଭାବ ଦୂର ହୋଇପାରିବ ବୋଲି ମାର୍ଗ ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଜନତା ମହାବିଦ୍ୟାଳୟ ସାତମାଇଲିର ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପ୍ରଧାନ, ବିଭାଗୀୟ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଉତ୍ପଳ ଗୋଗଇ, ବୈଜ୍ଞାନିକ ପି.କେ. ମହାପାତ୍ର ଓ ବୈଜ୍ଞାନିକ ଏସ.ସି. ବେଲରା ପ୍ରମୁଖ ବିଷୟ ଭିତ୍ତିକ ତଥ୍ୟ ଉପସ୍ଥାପନ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ବିଶଦ ଭାବରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭୂତଳ ଜଳ ସଂରକ୍ଷଣ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସାଧନ କର୍ମୀ ଭାବେ ବିଭାଗୀୟ କର୍ମଚାରୀ ଡ.ମିଶ୍ର, ପି.ଦାଶ, ସୁଜ୍ଞାନ ବେହେରା, ବିକ୍ରମ ସାହୁ, ପ୍ରହଲ୍ଲାଦ ଦାସ, ବି.ବି. ସାହୁ ଓ ଡି.ଏନ୍. ମଣ୍ଡଳ ପ୍ରମୁଖ ଅନେକ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ଏହି ପାଠଚକ୍ରରେ ମହାବିଦ୍ୟାଳୟର ୧୨୫ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସୁଧାଂଶୁ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

Signature of the
Organizing Secretary

Principal
Hindol College ,Khajuriakata